# Akashvani, Sambalpur

## SAMBALPURI NEWS BULLETIN

### 19 December 2025 – 6.47- 6.52 am.

*********************************************

ସଂସଦ୍- ଶୀତ୍‌କାଲୀନ୍ ଅଧିବେଶନ୍ ଏନ୍‌ଏସ୍‌ଡି

ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ଆଏଜ୍ ଶେଷ୍ ହେଉଛେ । ଡିସେମ୍ବର୍ ୧ ତାରିଖ୍‌ନୁ ମୁଲ୍ ହେଇଥିବା ଇ ଅଧିବେଶନ୍‌ଥି ମୋଟ୍ ୧୫ ଟା କାର୍ଯ୍ୟଦିବସ୍ ଥିଲା । ସ୍ୱତନ୍ତ୍ର ସଘନ ଭୋଟର୍ ତାଲିକା ସଂଶୋଧନ୍, ବିକଶିତ ଭାରତ୍ ଜି ରାମ୍ ଜି ବିଲ୍ ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀମାନେ ଜବର୍ ହୋହଲ୍ଲା କରିଥିଲେ । ତାର୍ ଭିତ୍‌ରେ ବହୁତ୍‌ଟେ ବିଲ୍ ଉପସ୍ଥାପିତ୍ ହେଇକରି ପାରିତ୍ ଭିଲ୍ ହେଇଛେ ।

ନିବେଶକ୍ ସମ୍ମିଳନୀ-ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଓଡ଼ିଶା ସର୍‌କାର୍‌ଙ୍କର୍ ତର୍‌ଫୁ ହାଇଦ୍ରାବାଦ୍ ନ ହେଇଥିବା ନିବେଶକ୍ ସମ୍ମିଳନୀଥି ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ବହୁତ୍‌ଟେ ଶିଳ୍ପପତି ଆଉ ନିବେଶକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ସମ୍ମିଳନୀର୍ ପହେଲା ଦିନେ ରାଜ୍ୟକେ ୩୮

ହଜାର୍ ୭ ଶହ କୋଟି ପୁଞ୍ଜିନିବେଶ୍ ପ୍ରତିଶ୍ରୁତି ମିଲିଛେ । ସେଥିର୍‌ଭିତ୍‌ରେ ୧୯ ହଜାର୍ ୨ ଶହ କୋଟି ଟଙ୍କାର୍ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ସବୁ ପୁଞ୍ଜିନିବେଶ୍ ପ୍ରସ୍ତାବ୍ ଜରିଏ ରାଏଜେ ୨୦ ହଜାର୍‌ନୁ ଅଏତ୍‌କା ଲୁକ୍‌କୁ ରୋଜ୍‌ଗାର୍ ମିଲିପାର୍‌ବା ।

## ଏଆଇ ଇମ୍ପେକ୍ଟ ସମ୍ମିଳନୀ I&PR

ରାଜ୍ୟ ସୂଚନା ଆଉ ପ୍ରଯୁକ୍ତି ବିଦ୍ୟା ବିଭାଗ୍ ତର୍‌ଫୁ ଭୁବନେଶ୍ୱର ଲୋକ୍‌ସେବା ଭବନ୍ ନ ୨ ଦିନିଆ ଓଡ଼ିଶା ଆଂଚଳିକ ଏଆଇ ଇମ୍ପେକ୍ଟ ସମ୍ମିଳନୀ ଆଏଜ୍‌ଠାନୁ ମୁଲ୍ ହେଉଛେ । ସମ୍ମିଳନୀକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଇ ସମ୍ମିଳନୀଥି କୃତ୍ରିମ ବୁଦ୍ଧିମତାଥି ଭାଷା ଦାନ୍ କାର୍ଯ୍ୟକ୍ରମ ହେବା, ଯେନ୍‌ଥି ଓଡ଼ିଆ ଭାଷାକେ ସରଲ୍ ଭାବେ ଲୁକ୍‌କର ପାଖ୍‌କେ ପୁହୁଁଚାବାର୍ ଲାଗି ଚେରେଷ୍ଟା କରାଯିବା । ଆଏବା ଫେବୃୟାରୀ ମାସେ ହେବାର୍‌କେ ଥିବା ଭାରତ ଇମ୍ପେକ୍ଟ ଏଆଇ ସମ୍ମିଳନୀର୍ ଆଗୋନୁ ଓଡ଼ିଶା ସହେତେ ୮ଟା ରାଜ୍ୟ ନ ଇତାର୍ ଆଂଚଳିକ୍ ସମ୍ମିଳନୀର୍ ଆୟୋଜନ୍ କରାଯାଉଛେ । ଓଡ଼ିଶା ନ ପହେଲା ଆଂଚଳିକ୍ ସମ୍ମିଳନୀ ଆୟୋଜନ୍ କରାଯାଉଛେ ।

## ଶ୍ରୀମନ୍ଦିର୍ କେଲେଣ୍ଡର ପୁରୀ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ପୁରୀ ଶ୍ରୀମନ୍ଦିର୍ ପ୍ରଶାସନ୍ ତରଫୁ ତିଆର୍ ହେଇଥିବା ୨୦୨୬ ବଛର୍‌ର କେଲେଣ୍ଡର୍ ଉନ୍ମୋଚନ୍ କରିଛନ୍ । କେଲେଣ୍ଡର୍‌ର ପହେଲା କପିକେ ଶ୍ରୀମନ୍ଦିର୍‌ର ମାହାପୁରୁମାନ୍‌କୁ ଅର୍ପଣ୍ କରାଯାଇଥିଲା । ଇ କେଲେଣ୍ଡର୍‌ଥି ଇଥର ବାଲୁକା କଳା, ପଟ୍ଟଚିତ୍ର, ତାଳପତ୍ର କାରିଗରି ଆଉ ପାରମ୍ପରିକ୍ ପଥର୍ ଖୁଦେଇ ଚିତ୍ର ଜରିଏ ମାହାପୁରୁମାନ୍‌କର୍ ଭିନ୍ ଭିନ୍ ବେଶ ଆଉ ରଥଯାତ୍ରା ତଥ୍ୟ ରହିଛେ ।

ବିଭି ଜି ରାମ ଜି ବିଲ୍-ଲୋକ ସଭା       ଏନ୍‌ଏସ୍‌ଡି

ବିକଶିତ ଭାରତ ନିଶ୍ଚିତ ରୋଜଗାର ଆଉ ଆଜୀବିକା ମିଶନ୍ ଗ୍ରାମୀଣ- ବିଭି ଜି ରାମ ଜି ବିଲ୍-୨୦୨୫ ଗଲାକାଏଲ୍ ଲୋକସଭା ନ ପାରିତ୍ ହେଇଛେ । ତାର୍ ଉତ୍‌ରୁ ଇ ବିଲ୍‌କେ ରାଜ୍ୟସଭାନ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଆଗତ୍ କରିଥିଲେ । ତାର୍ ପରେ ରାଜ୍ୟସଭା ନ ଭିଲ୍ ବିଲ୍‌କେ ନେଇକରି ବିତର୍କ ହେଇଛେ ।
ଇ ଆଇନ୍ ଜରିଏ ଗାଁ ଇଲାକାର୍ ଶ୍ରମିକ୍‌ମାନ୍‌କୁ ବଛର୍‌କ ଶହେ ୨୫ ଦିନର୍ କାମ୍ ସୁନିଶ୍ଚିତ୍ କରାଯିବା । ଇତାର୍ ଜରିଏ ଚାଷୀମାନେ ସିଧାସଲଖ୍ ବହୁତ୍‌ଟେ ଲାଭ୍ ପାଏବେ । ଉତ୍ପାଦନ୍ ସମିଆଥି ମନରେଗା

କାମ୍ ବନ୍ଦ୍ ରହିଥିଲା ବେଲ୍‌କେ ୬୦ ଦିନର୍ କାମ୍ ଯୁଗେଇ ଦେବାର୍‌ଟା ବାଧ୍ୟତାମୂଲକ୍ କରାଯାଇଛେ । ଜଲ୍‌ସେଚନ୍ ଆଉ ଜଲ୍ ପରିଚାଲନା ଦିଗେ କାମ୍ କରାଯିବାର୍‌ନୁ ଫସଲ୍‌କେ ଜଳ ଯୋଗାଣର୍ ସିଧାସଲଖ୍ ଲାଭ୍ ମିଲ୍‌ବା ।

ଧାନ୍ ଘିନା-ମନ୍ତ୍ରୀ ସମୀକ୍ଷା I&PR

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ରାଜ୍ୟର୍ ଧାନ୍ ଘିନା ପ୍ରକ୍ରିୟାର୍ ସମୀକ୍ଷା କରିଛନ୍ । ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ହେଇଥିବା ଇ ବୈଠକ୍‌ଥି ଧାନ୍ ଘିନା ପ୍ରକ୍ରିୟାର୍ ତୟାରି, ଏଛ୍‌ନିର୍ ସ୍ଥିତି ଆଉ ଅଗ୍ରଗତି ବାବ୍‌ଦେ ମନ୍ତ୍ରୀ - ଅଧିକାରୀମାନ୍‌କୁ ପଚ୍‌ରେଇ ବୁଝିଛନ୍ । ବୈଠକ୍‌ଥି ବିଭାଗ୍‌ର ବରିଷ୍ଠ ଅଧିକାରୀ ଆଉ ସବୁ ଜିଲ୍ଲାର୍ ଯୋଗାଣ ଅଧିକାରୀ ମାନେ ସାମିଲ୍ ଥିଲେ ।

ଧାନ୍ ଘିନା I&PR

ରାଏଜେ ଏବ୍‌ତକ୍ ୪୯ ହଜାର୍ ୫୧ ଝନ୍ ଚାଷୀଙ୍କର୍ ନୁ ୨ ଲାଖ୍ ୨୪ହଜାର୍ ୭ ଶହ ୪ ମେଟ୍ରିକ୍‌ଟନ୍ ଧାନ୍ ଘିନାଯାଇଛେ । ସମ୍ବଲ୍‌ପୁର୍

ଜିଲ୍ଲା ନ ଇ ବଛର୍ ସବୁନୁ ଅଏତ୍କା ଧାନ୍ ଘିନା ହେଲାନ । ଜିଲ୍ଲା ନ ଆଏଜ୍ତକ୍ ୧୮ ହଜାର୍ ୮ ଶହ ୯୧ ଝନ୍ ଚାଷୀଙ୍କର୍ ଠାନୁ ଧାନ୍ ଘିନାଯାଇଛେ । ଗଲାବଛର୍ ଇ ସମିଆଥି ୧୪ ହଜାର୍ ୮ ଶହ ୯୬ ଝନ୍ ଚାଷୀଙ୍କର୍ ଠାନୁ ଧାନ୍ ଘିନାଯାଇଥିଲା ବଲି ଯୋଗାଣ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଚଲ୍ତି ଖରିଫ୍ ଋତୁଥି ସମ୍ବଲ୍ପୁର୍, ବର୍ଗଡ୍, ବଲାଙ୍ଗିର୍, ନୂଆପଡ଼ା, କଲାହାଣ୍ଡି ସହେତେ ଭିନ୍ ଭିନ୍ ଜିଲ୍ଲା ନ ଧାନ୍ ଘିନା ପ୍ରକ୍ରିୟା ଜୋର୍ସୋର୍ଥି ଚାଲିଛେ ।

ଉଷା ପାଢ଼ୀ-ସୁନ୍ଦର୍ଗଡ୍ I&PR

ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ଆଉ ସୁନ୍ଦର୍ଗଡ୍ ଜିଲ୍ଲା ନୋଡାଲ୍ ଅଧିକାରୀ ଉଷା ପାଢ଼ୀ ୨ ଦିନିଆ ସୁନ୍ଦର୍ଗଡ୍ ଜିଲ୍ଲା ଗସ୍ତଥି ଆସିକରି ଜିଲ୍ଲାର୍ ଭିନ୍ ଭିନ୍ ପ୍ରକଳ୍ପ କାମ୍ର ଅଗ୍ରଗତି ବାବ୍ଦେ ସମୀକ୍ଷା କରିଛନ୍ । ହିତାଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କର୍ବାର୍ ସହେତେ ଶ୍ରୀମତୀ ପାଢ଼ୀ ବିଦ୍ୟାଳୟ ଆଉ ଗଣଶିକ୍ଷା, କୃଷି, ମତ୍ସ୍ୟ, ପଶୁସମ୍ପଦ୍, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଆଉ ପରିମଳ ବିଭାଗ୍ର ଭିନ୍ ଭିନ୍ ଯୋଜ୍ନା ଉପ୍ରେ ଆଲୋଚନା କରିଥିଲେ ।

କଲାହାଣ୍ଡି-ଡକ୍ଟର୍ ବୃନ୍ଦା ଡି          କଲାହାଣ୍ଡି ସମ୍ବାଦଦାତା

ଜାତୀୟ ସ୍ୱାସ୍ଥ୍ୟମିଶନ୍ ରାଜ୍ୟ ନିର୍ଦ୍ଦେଶିକା ଡକ୍ଟର୍ ବୃନ୍ଦା ଡି ୨ ଦିନିଆ କଲାହାଣ୍ଡି ଗସ୍ତଥି ଆସିକରି ଗଲାକାଏଲ୍ ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ ଯୋଜ୍ନାର୍ ସମୀକ୍ଷା କରିଛନ୍ । ଡକ୍ଟର୍ ବୃନ୍ଦା ଲାଞ୍ଜିଗଡ଼୍ ବ୍ଲକ୍ର ଭିନ୍ ଭିନ୍ ଡାକ୍ତର୍ଖାନା ବୁଲ୍ବାର୍ ସହେତେ ସ୍ୱାସ୍ଥ୍ୟ ଅଧିକାରୀମାନ୍କର୍ ସାଙ୍ଗେ ସ୍ୱାସ୍ଥ୍ୟସେବା ଆଉ ସ୍ୱାସ୍ଥ୍ୟ ଭିତିଭୂମି ବାବ୍ଦେ ଆଲୋଚନା କରିଛନ୍ । ଇତାର୍ସହେତେ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଅଗ୍ରଗତିର୍ ଭିଲ୍ ସମୀକ୍ଷା କରିଛନ୍ ।

ଖଡ଼ିଆଲ୍ ମହୋତ୍ସବ      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମହୋତ୍ସବ୍ ଆଏବା ଫେବୃଆରୀ ୪ ତାରିଖ୍ନୁ ୮ ତାରିଖ୍ତକ୍ ହେବା । ମହୋତ୍ସବ୍ କମିଟିର୍ ଅଧକ୍ଷ ଆଉ ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀଙ୍କର୍ ନେତୃତ୍ୱଥି ଗଲାକାଏଲ୍ ହେଇଥିବା ସାମ୍ବାଦିକ୍ ସମ୍ମିଲନୀଥି ଇ ବାବ୍ଦେ ସୂଚ୍ନା ଦିଆଯାଇଛେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଜବର୍ ଶୀତ୍ ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ହପ୍ତେତକ୍ ଜାଡ଼୍ ଲାଗି ରହେବା । ଆଏବା ୨୪ ଘଂଟା ଭିତ୍ରେ ସୁନ୍ଦର୍ଗଡ୍ ଆଉ କନ୍ଧମାଲ୍ ନ ବହଲିଆ କୁହୁଡ଼ି ହେବା । ସମ୍ବଲ୍ପୁର୍, କଲାହାଣ୍ଡି, ଝାର୍ସୁଗୁଡ଼ା ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।